ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 02-01-2026

ବଲାଙ୍ଗୀର(ଓଡିଶା) - :2026-01-02 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2026-01-03 | 2026-01-04 | 2026-01-05 | 2026-01-06 | 2026-01-07 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 30.0 | 30.0 | 29.0 | 28.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 11.0 | 9.0 | 12.0 | 12.0 | 11.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 64 | 66 | 70 | 70 | 68 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 27 | 29 | 31 | 28 | 24 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 1 | 2 | 2 | 2 | 2 |
| ପବନର ଦିଗ (ଡିଗ୍ରୀ) | 135 | 81 | 117 | 22 | 31 |
| ମେଘାଛନ (ଅକ୍ଟା) | 1 | 1 | 1 | 1 | 1 |
| ସତର୍କବାଣୀ | କୌଣସି ସ୍ତର୍କତା ନାହିଁ | କୌଣସି ସ୍ତର୍କତା ନାହିଁ | କୌଣସି ସ୍ତର୍କତା ନାହିଁ | କୌଣସି ସ୍ତର୍କତା ନାହିଁ | କୌଣସି ସ୍ତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗ ଅନୁସାରେ ଆଗକୁ ୫ ଦିନ ପାଗ ଶୁଷ୍କ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୮-୩୦ ଡିଗ୍ରୀ ସେଲସିୟସ ୯-୧୨ ଡିଗ୍ରୀ ସେଲସିୟସ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ଅଦ୍ରତା ୬୪-୭୦ % ଏବଂ ୨୪-୩୧ % ସମ୍ଭାବନା। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୧ ରୁ ୨ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବ। ସମ୍ଭାବନା । ଆଗକୁ ୫ ଦିନ ଆକାଶ ମୁଖ୍ୟତ ନିର୍ମଳ ସମ୍ଭାବନା।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ନାହିଁ ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

ନାହିଁ ।

## ସାଧାରଣ ଉପଦେଶ:

 ମୂଷା ଜାତୀୟ ଜୀବ ର ମୁକବିଲା କରିବା ପାଇଁ ବିଷଥପୋ ବ୍ୟବହାର କରନ୍ତୁ ।  ହରଡ଼ ଗଛରେ ୭୦-୮୦ ଶତକଡା ଛୁଇଁ ଗୁଡିକ ହଳଦିଆ ରୁ ବାଦାମି ରଙ୍ଗର ଦେଖାଗଲେ ଅମଳ କରନ୍ତୁ । ଛୁଇଁ ଗୁଡିକ ଅଧିକ ଶୁଖି ଗଲେ ମଞ୍ଜି ଝଡି ପଡିବାର ସମ୍ଭାବନା ଥାଏ । ଅମଳ ପରେ ୩-୬ ଦିନ ଟାଣ ଖରାରେ ଶୁଖାନ୍ତୁ ।  ମୂଳି ଆଖୁ ଫସଲରେ ଯଥେଷ୍ଟ ଗଜା ନ ବାହାରି ଜମି ଖାଲି ପଡିବା ଏକ ମୁଖ୍ୟ ସମସ୍ୟା । ତେଣୁ ଦୁଇ ଆଖି ଥିବା ଆଖୁ ଖଣ୍ଡ କୁ ତଳିଘେରା ରେ ଗଜା କରି କିମ୍ୱା ଏକ ଆଖି ବିଶିଷ୍ଟ ଆଖୁ ଖଣ୍ଡ କୁ ପୋଲିଥିନ ମୁଣା ରେ ଗଜା କରି ଏକ ମାସ ମଧରେ ଜମିରେ ୪୫ ସେ.ମି. ରୁ ଅଧିକ ଦୂରତା ରେ ଖାଲି ସ୍ଥାନ ଥିଲେ ଖୁଞ୍ଚା ଦେଇ ଜଳସସଚନ କରନ୍ତୁ । ପ୍ରଥମ ଫସଲ ଅପେକ୍ଷ୍ୟା ମୂଳି ଫସଲରେ ଶତକଡା ୨୫ ଭାଗ ଅଧିକ ଯବକ୍ଷାରଜନ ସାର ଆବଶ୍ୟକ ହୋଇଥାଏ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

 ଫସଲ କୁ ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବିରି | ମୁଗ ଓ ବିରି ଫସଲରେ ବର୍ତମାନ ସମୟ ରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି। ମୁଗ ଓ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ଜଉ ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦ ମିଲି Imidachloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ମସୁର/ହରଡ଼ | ବିହନ କୁ ସାଇତି ରଖିବା ସମୟରେ ପ୍ରତି କୁଇଣ୍ଟାଲ ଦାନା ପିଛା ୨୫୦ ମିଲି ଯେକୌଣସି ଖାଇବା ତେଲରେ ବିହନ କୁ ଗୋଳାଇ ରଖିଲେ ପୋକ ଲାଗିବାର ସମ୍ଭାବନା କମିଯାଏ । ଏହା ବଦଳରେ ଛାଇରେ ଶୁଖା ଯାଇଥିବା ବେଗୁନିଆ ପତ୍ର କିମ୍ବା ନିମ୍ବ ପତ୍ର ୧ କିଲୋଗ୍ରାମ ପ୍ରତି କୁଇଣ୍ଟାଲ ଦାନା ବସ୍ତାରେ ମିଶାଇ ରଖିଲେ ପୋକ ଲାଗି ନଥାଏ । ପ୍ରତି କିଲୋଗ୍ରାମ ମଞ୍ଜି ପାଇଁ ଗୋଟିଏ ଗନ୍ଧକର୍ପୂର ବଟିକା କୁ ହରଡ଼ ବିହନ ଥିବା ଅଖା ରେ ରଖିଲେ ପୋକ ଲାଗିବାର ସମ୍ଭାବନା କମିଯାଏ । |
| ସୋରିଷ | ସୋରିଷ ଫସଲ ରେ ପତ୍ରଛନ୍ଦା ପୋକ ଓ କରତିଆ ମାଛି ର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ, 200 ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ମହୁମାଛି ର ଚଳପ୍ରଚଳ ରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କିଟନାଶକ କୁ ପ୍ରୟୋଗ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପିଆଜ | ପିଆଜ ତଳି ଲଗେଇବାର ଦୁଇ ଦିନ ମଧରେ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୧ ଲିଟର Pendimethalin ନାମକ ଘାସ ମରା ଔଷଧ କିମ୍ବା ୮୦ ଗ୍ରାମ Oxyfluorfen ନାମକ ଘାସମରା ଔଷଧ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

ନାହିଁ ।

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

ନାହିଁ ।

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**